# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 21 April - 2024

**********************************

# ହକି ଦଳକୁ ସ୍ୱାଗତ

ପ୍ୟାରିସ୍ ଅଲିମ୍ପିକ୍ସରେ କାଂସ୍ୟ ପଦକ ବିଜେତା ଭାରତୀୟ ପୁରୁଷ ହକି ଦଳକୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସମ୍ବର୍ଦ୍ଧନା ପ୍ରଦାନ କରିବେ । ଭୁବନେଶ୍ୱର ବିମାନବନ୍ଦରରେ ମଧ୍ୟାହ୍ନ ସାଢ଼େ ୧୨ଟାରେ ହକି ଦଳର ସଦସ୍ୟ ପହଞ୍ଚିବା ପରେ ସେମାନଙ୍କୁ ବିଜୟ ଗୌରବ ଯାତ୍ରାରେ କଳିଙ୍ଗ ଷ୍ଟାଡିୟମ୍ ପର୍ଯ୍ୟନ୍ତ ଅଣାଯିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଅପରାହ୍ଣ ୫ଟାରେ ଲୋକସେବନ ଭବନର କନ୍‌ଭେନସନ ସେଣ୍ଟରଠାରେ ହକି ଦଳର ସଦସ୍ୟଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିବାର କାର୍ଯ୍ୟସୂଚୀ ରହିଛି ।

# ରାସ୍ତା ସଂଯୋଗୀକରଣ

ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନା ଅଧୀନରେ ଏପର୍ଯ୍ୟନ୍ତ ରାଜ୍ୟର ୧୬ହଜାର ୯୯୧ଟି ଗ୍ରାମକୁ ପକ୍କା ରାସ୍ତା ଦ୍ୱାରା ସଂଯୋଗୀକରଣ କରାଯାଇଛି । ବିଧାନସଭାରେ ଗତକାଲି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି । ବାକି ରହିଥିବା ଅନ୍ୟ ୧୦ଟି ଗ୍ରାମର ସଂଯୋଗୀକରଣ କାର୍ଯ୍ୟ ଆସନ୍ତାବର୍ଷ ମାର୍ଚ୍ଚ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ଗତ ଆର୍ଥିକ ବର୍ଷରେ ପିଏମ୍

ଜନମନ ଯୋଜନାରେ ଓଡ଼ିଶା ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ମଞ୍ଜୁରୀ ହୋଇଥିବା ୪୭ଟି ନିର୍ଦ୍ଦିଷ୍ଟ ଅସୁରକ୍ଷିତ ଜନଜାତି ଗୋଷ୍ଠୀ ବାସସ୍ଥାନକୁ ସଂଯୋଗୀକରଣ କାର୍ଯ୍ୟ ଆରମ୍ଭ ହୋଇଛି । ୪ଟି ଗ୍ରାମର ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବାବେଳେ ବାକି ଗ୍ରାମଗୁଡ଼ିକର ଟେଣ୍ଡର ପ୍ରକ୍ରିୟା ଜାରି ରହିଛି ବୋଲି ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି ।

## ଧର୍ମେନ୍ଦ୍ର ପ୍ରଧାନ

ପୂର୍ବ ଭାରତରେ ବିପୁଳ ପ୍ରାକୃତିକ ସମ୍ପଦ, ପ୍ରତିଭା ସମ୍ପନ୍ନ ଯୁବଗୋଷ୍ଠୀ ଏବଂ ଦକ୍ଷ ଶ୍ରମଶକ୍ତି ରହିଛି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଦେଶରେ ମାନବସମ୍ବଳ ଏବଂ ବୌଦ୍ଧିକ କ୍ଷମତା ଅଭିବୃଦ୍ଧି ଦିଗରେ ଏହି ରାଜ୍ୟଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ କହିଛନ୍ତି । ବିଶେଷକରି କୋଲକାତା, ଭୁବନେଶ୍ୱର, ପାଟନା, ରାଞ୍ଚି, ରାୟପୁର ଏବଂ ପୂର୍ବ ଭାରତ ଅନ୍ୟ ସମସ୍ତ ପ୍ରମୁଖ ସହର ଭାରତ ଏବଂ ବିଶ୍ୱ ଅଭିବୃଦ୍ଧିର ମୁଖ୍ୟ ମାଧ୍ୟମ ହେବାର ସମ୍ଭାବନା ରହିଛି ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି । ସି.ଆଇ.ଆଇ ପୂର୍ବାଞ୍ଚଳ ଏକ୍‌ଜିମ୍ ସମ୍ମିଳନୀ ୨୦୨୪ରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପ୍ରଧାନ ପୂର୍ବାଞ୍ଚଳକୁ ଦେଶର ପ୍ରଗତିର ପ୍ରବେଶ ଦ୍ୱାରରେ ପରିଣତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ।

## ସ୍ନାତକୋତ୍ତର ପାଠ୍ୟକ୍ରମ

ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ପାଇଁ ୨୧ହଜାର ୬୩୫ଜଣ ଛାତ୍ରଛାତ୍ରୀଙ୍କ ପ୍ରଥମ ମେଧାତାଲିକା ପ୍ରକାଶ ପାଇଛି । ନାମଲେଖା ପ୍ରକ୍ରିୟା ଆଜିଠାରୁ ୨୪ତାରିଖ ପର୍ଯ୍ୟନ୍ତ ଚାଲିବ । ସୂଚନାଯୋଗ୍ୟ ରାଜ୍ୟରେ ୧୧୪ଟି ଉଚ୍ଚ ଶିକ୍ଷାନୁଷ୍ଠାନରେ ମୋଟ୍ ୨୯ହଜାର ସ୍ନାତକୋତ୍ତର ସିଟ୍ ରହିଛି । ଆସନ୍ତା ୩୧ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ଏବଂ ସେପ୍ଟେମ୍ବର ମାସ ୧୦ ତାରିଖରେ ତୃତୀୟ ପର୍ଯ୍ୟାୟ ମେଧାତାଲିକା ପ୍ରକାଶ ପାଇବ । ସେପ୍ଟେମ୍ବର ମାସ ୧୮ରୁ ସ୍ନାତକୋତ୍ତର ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି ।

## ଆଳୁ ରପ୍ତାନୀ

ଓଡ଼ିଶା ସମେତ ଅନ୍ୟ ରାଜ୍ୟକୁ ଆଳୁ ରପ୍ତାନୀ କରିବାକୁ ପଶ୍ଚିମବଙ୍ଗ ସରକାର ସେଠାକାର ଆଳୁ ବ୍ୟବସାୟୀଙ୍କୁ ଅନୁମତି ପ୍ରଦାନ କରିଛନ୍ତି । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଉପସ୍ଥିତିରେ ଗତକାଲି ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ମିଳିଥିବା ସୂଚନା ଅନୁଯାୟୀ ପଶ୍ଚିମବଙ୍ଗରୁ ଆଳୁ ଟ୍ରକ ଗତକାଲି ଓଡ଼ିଶାରେ ପ୍ରବେଶ ଆରମ୍ଭ କରିଛି । ଆଳୁ ରପ୍ତାନୀ ନେଇ ସମ୍ମୁଖୀନ ହେଉଥିବା ସମାଧାନ ଦାବିରେ ପଶ୍ଚିମବଙ୍ଗର ବ୍ୟବସାୟୀ ଆନ୍ଦୋଳନ କରିଥିଲେ । ଏହାର ପ୍ରଭାବରେ ସେଠାରେ ମଧ୍ୟ ଆଳୁ ଦର ବୃଦ୍ଧି ହେବା ସହ ଖାଉଟୀଙ୍କ ମଧ୍ୟରେ

ଅସନ୍ତୋଷ ସୃଷ୍ଟି ହୋଇଥିଲା । ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଗତକାଲିର ବୈଠକରେ ଅନ୍ୟ ରାଜ୍ୟକୁ ଆଳୁ ଯୋଗାଣ ପାଇଁ ପଶ୍ଚିମବଙ୍ଗ ସରକାର ଅନୁମତି ଦେଇଥିଲେ ।

## ହସ୍ପିଟାଲରେ ଆହାର କେନ୍ଦ୍ର

ସହରାଞ୍ଚଳରେ ଥିବା ୮୬ଟି ଆମ ହସ୍ପିଟାଲରେ ଆହାର କେନ୍ଦ୍ର କାର୍ଯ୍ୟକାରୀ କରିବା ଲାଗି ପଦକ୍ଷେପ ନିଆଯାଉଛି ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ବିଧାନସଭାରେ ଗତକାଲି ଏ ସମ୍ପର୍କିତ ତଥ୍ୟ ପ୍ରଦାନ କରି ସେ କହିଛନ୍ତି ଏବେ ରାଜ୍ୟରେ ଶହେ ଅଣସ୍ତରୀଟି ଆହାର କେନ୍ଦ୍ର କାର୍ଯ୍ୟକାରୀ ହେଉଛି । ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ମଧ୍ୟ ଗୋଟିଏ ଆହାର କେନ୍ଦ୍ର ଖୋଲିବା ପାଇଁ ବ୍ୟବସ୍ଥା ହୋଇଛି ବୋଲି ସେ କହିଛନ୍ତି । ଏହି ଯୋଜନା ନିମନ୍ତେ ଆବଶ୍ୟକ ପଡୁଥିବା ପ୍ରାୟ ୬୦ କୋଟି ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ପ୍ରଦାନ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ।

## ମୁଖ୍ୟମନ୍ତ୍ରୀ-ବୈଠକ

ବିଭିନ୍ନ କ୍ଷେତ୍ରରେ ଅଧିକ ପୁଞ୍ଜି ବିନିଯୋଗ ମାଧ୍ୟମରେ ଅଭିବୃଦ୍ଧି ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ପରାମର୍ଶ ଦେଇଛନ୍ତି । ଲୋକସେବା ଭବନରେ ଗତକାଲି ବିଭାଗୀୟ ସଚିବଙ୍କ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ଭିତ୍ତିଭୂମି ନିର୍ମାଣ ଦାୟିତ୍ୱରେ ଥିବା ବିଭାଗ

ଗୁଡ଼ିକ ଆବଶ୍ୟକ ସ୍ଥଳେ ଅଧିକ ମାନବ ସମ୍ବଳର ଉପଯୋଗ କରି କାର୍ଯ୍ୟକ୍ରମଗୁଡ଼ିକୁ ଆଗେଇନେବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ଲକ୍ଷ୍ୟ ହାସଲ ପାଇଁ ସମସ୍ତ ବିଭାଗ ସମ୍ମିଳିତ ଉଦ୍ୟମ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

# ଜନଶୁଣାଣି ଶିବିର

ଖୋର୍ଦ୍ଧା ଜିଲ୍ଲା ଚିଲିକା ପଞ୍ଚାୟତସମିତି କାର୍ଯ୍ୟାଳୟଠାରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଦାଖଲ ହୋଇଥିବା ୧୩୫ଟି ଦରଖାସ୍ତ ମଧ୍ୟରୁ ୧୨୭ଟି ବ୍ୟକ୍ତିଗତ ଏବଂ ୬ଟି ବିଭିନ୍ନ ଗ୍ରାମର ସାମୁହିକ ସମସ୍ୟା ସମ୍ପର୍କରେ ଉଦ୍ଦିଷ୍ଟ ଥିଲା । ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ବନକଲାଗି ନୀତି

ଭାଦ୍ରବ କୃଷ୍ଣ ତୃତୀୟା ତିଥି ଅବସରରେ ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କର ଆଜି ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବା ପରେ ପାଖାପାଖି ଅପରାହ୍ଣ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ଏହି ନୀତି ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ବନକଲାଗି ପରେ ଶ୍ରୀଜୀଉଙ୍କର ମହାସ୍ନାନ ନୀତି ଅନୁଷ୍ଠିତ ହେବ। ଏହାପରେ ସର୍ବସାଧାରଣ ଦର୍ଶନ ହେବ ବୋଲି ଜଣାପଡିଛି।

# ଟନେଲ ନିର୍ମାଣକାର୍ଯ୍ୟ

ଖୋର୍ଦ୍ଧାରୋଡ-ବଲାଙ୍ଗୀର ରେଳଲାଇନ୍ ପ୍ରକଳ୍ପ ଅନ୍ତର୍ଗତ ବୌଦ୍ଧର ପୁରୁଣା କଟକ ଓ ଚାରିଛକ ମଧ୍ୟରେ ଚାଲିଥିବା ଭୂତଳରାସ୍ତାର ନିର୍ମାଣକାର୍ଯ୍ୟ ସମ୍ପନ୍ନ ହୋଇଛି । ୧ହଜାର ୯୭୫ମିଟର ଲମ୍ବ ଏହି ୭ ନମ୍ବର ଟନେଲକୁ ରେଳସଂଯୋଗର ସମ୍ପ୍ରସାରଣ ଏବଂ ଉନ୍ନତି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ପୂର୍ବତଟ ରେଳବାଇ ପକ୍ଷରୁ କୁହାଯାଇଛି । ମୋଟ୍ ୩୦୧ କିଲୋମିଟର ଏହି ରେଳ ପ୍ରକଳ୍ପର ୧୮୩ କିଲୋମିଟର ରେଳଲାଇନ୍ ଇତିମଧ୍ୟରେ କାର୍ଯ୍ୟକ୍ଷମ ହୋଇସାରିଛି । ଉଭୟ ପଟରୁ ନିର୍ମାଣ କାର୍ଯ୍ୟ ଚାଲିଛି ।